## କାଠ ବୋଝେଇ ଟ୍ରକ୍ ଜବତ

**ବାଙ୍ଗିରିପୋଷି,(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବନ ବିଭାଗ ଗୁରୁବାର ବିଳମ୍ବିତ ରାତିରେ ଏକ କାଠ ଗଣ୍ଡି ବୋଝେଇ ମିନି ଟ୍ରକ୍ ଜବତ କରିଛି। ଝାରବେଡ଼ା ଅଞ୍ଚଳରେ ବନାଞ୍ଚଳ ଅଧିକାରୀ ଅଜୟ କୁମାର ଦାସଙ୍କ ନେତୃତ୍ୱରେ ବନବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ମିନି ଟ୍ରକ୍‌ଟିକୁ ଅଟକାଇଥିଲେ। ଗାଡ଼ିଟିକୁ ବନ ବିଭାଗ ଜବତ କରିଥିବା ବେଳେ ଅନ୍ଧାରର ସୁଯୋଗ ନେଇ ଚାଳକ ଫେରାର ହୋଇ ଯାଇଥିଲେ। ଉକ୍ତ ଟ୍ରକ୍‌ରେ ମୋଟ ୨୧ ଖଣ୍ଡ ଶିରିଷ ଓ ଆକାଶିଆ କାଠଗଣ୍ଡି ରହିଥିଲା। ଜବତ କାଠଗଣ୍ଡିର ବଜାର ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି।

# ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି

## ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

**ଭୋଗରାଇ, ୨୩।୪(ଡି.ଏନ.ଏ.)**



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓଡ଼ିଶା ସୀମାନ୍ତ ସାହାବାଜିପୁର ରାସ୍ତାରେ ଅନୁଧ୍ୟାନ କରୁଛନ୍ତି।

ଦିନକୁ ଦିନ ମହାମାରୀ କରୋନା ଭୟଙ୍କର ରୂପ ଧାରଣ କରୁଛି। ପଶ୍ଚିମବଙ୍ଗର କରୋନା ଭୂତାଣୁ ଏବେ ନୂଆ ରୂପରେ ଚିହ୍ନିତ ହେବା ପରେ ଏହା ଅଧିକ ଘାତ ସାବ୍ୟସ୍ତ ହେଉଛି। ପଶ୍ଚିମବଙ୍ଗରେ ଶୁକ୍ରବାର ସୁଦ୍ଧା ୧୨ହଜାର ବ୍ୟକ୍ତିଙ୍କୁ ଏହି ମାରାତ୍ମକ ଭୂତାଣୁ ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ବାଲେଶ୍ୱର ଜିଲା ସୀମାନ୍ତ ଅଞ୍ଚଳରେ ଅଧିକ ସତର୍କତା ଅବଲମ୍ବନ କରାଯିବାକୁ ଜିଲା ପ୍ରଶାସନ ଅଣ୍ଟା ଭିଡ଼ିଛି। ପ୍ରବାସୀଙ୍କ ପାଇଁ ଓଡ଼ିଶା ସରକାର ସୀମାନ୍ତରେ କୋଭିଡ୍ କଟକଣାକୁ କଡ଼ାକଡ଼ି କରିଥିବା ବେଳେ ବାଲେଶ୍ୱର ଜିଲା ସୀମାନ୍ତ ଭୋଗରାଇର ୩୬ ଓ ଜଳେଶ୍ୱର ଅଞ୍ଚଳର ୮ଟି ସୀମାନ୍ତ ରାସ୍ତାକୁ ସିଲ୍ କରିଛି। ଏଥିସହ ଆନ୍ତଃରାଜ୍ୟ ସଂଯୋଗ ରାସ୍ତାକୁ ବାଡ଼ ଦିଆଯାଇ ପୋଲିସ ମୁତୟନ କରାଯାଇଛି। ମୁଖ୍ୟରାସ୍ତାଗୁଡ଼ିକୁ ୨୪ଘଣ୍ଟିଆ ପାଟ୍ରୋଲିଂ କରାଯାଇ ପଶ୍ଚିମବଙ୍ଗରୁ ଓଡ଼ିଶାକୁ ଆସୁଥିବା ପ୍ରବାସୀଙ୍କ ପାଇଁ ପ୍ରବେଶପଥରେ ଥର୍ମାଲ ସ୍କ୍ରିନିଂ କରାଯାଇ ୧୪ଦିନ ପର୍ଯ୍ୟନ୍ତ କ୍ୱାରେଣ୍ଟାଇନ୍‌ରେ ରହିବା ପାଇଁ ବାଧ୍ୟତାମୂଳକ କରାଯାଇଛି।

ଶୁକ୍ରବାର ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୀମାନ୍ତ ସାହାବାଜିପୁର ବର୍ଡ଼ର ଓ ଲକ୍ଷ୍ମଣନାଥ ଟୋଲପ୍ଲାଜା ସହ ବିଭିନ୍ନ ସୀମାନ୍ତ ରାସ୍ତା ଅନୁଧ୍ୟାନ କରି ଫେରିଛନ୍ତି। ଜଳେଶ୍ୱର ବିଡିଓ ଦୀପ୍ତିରଞ୍ଜନ ସେଠୀ, ତହସିଲଦାର କ୍ଷୀରୋଦ ପଣ୍ଡା, ଭୋଗରାଇ ତହସିଲଦାର କମଳାକାନ୍ତ ପଣ୍ଡା, ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଭୋଗରାଇ ବିଡିଓ ସତ୍ୟଜିତ ରାଉତଙ୍କ ସହ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ପ୍ରମୁଖ ପ୍ରଶାସକମାନେ ସ୍ଥିତି ଅନୁଧ୍ୟାନ କରିବା ସହିତ ଜିଲାପାଳଙ୍କ ସହିତ କୋଭିଡ୍ ଗାଇଡ୍‌ଲାଇନ୍‌ର ସମୀକ୍ଷା କରି ପଦକ୍ଷେପ ନେଇଛନ୍ତି। ପଶ୍ଚିମବଙ୍ଗରୁ ଓଡ଼ିଶା ଫେରୁଥିବା ପ୍ରବାସୀଙ୍କ ନିମନ୍ତେ ସାହାବାଜିପୁର ବର୍ଡ଼ରଠାରେ ଚନ୍ଦନେଶ୍ୱର ମହାବିଦ୍ୟାଳୟ ସହ ସ୍ଥାନୀୟ ସ୍କୁଲଗୁଡ଼ିକୁ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଥିବା ବେଳେ ଜଳେଶ୍ୱର ଲକ୍ଷ୍ମଣନାଥ ଟୋଲପ୍ଲାଜା ଗେଟ୍, ସୁଗୋ-ସୁଲପଟା ରାସ୍ତାରେ ଫେରୁଥିବା ପ୍ରବାସୀଙ୍କ ପାଇଁ ସୁଗୋ ଏବଂ ରାଜପୁର ହାଇସ୍କୁଲକୁ କ୍ୱାରାଣ୍ଟାଇନ୍ ସେଣ୍ଟର ଘୋଷଣା କରାଯାଇଥିବା ସୂଚନା ମିଳିଛି। କରୋନା ଦ୍ୱିତୀୟ ଲହରରେ ଭୋଗରାଇ ବ୍ଲକର ଦୁଇଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିମାନେ ହେଲେ ଜଳେଶ୍ୱରପୁର ଗ୍ରାମର ଗୋବିନ୍ଦ ଜେନା (୫୫) ଓ ପ୍ରହରାଜପୁର ଗ୍ରାମର ଅଶୋକ ଚୌଧୁରୀ (୬୭)। ତେବେ ସୀମା ସିଲ୍ ନେଇ ଉଭୟ ରାଜ୍ୟ ସୀମାନ୍ତବାସୀଙ୍କ ମଧ୍ୟରେ ଭାଇଚାରା ନଷ୍ଟ ହେବା ସହ ଗଣ୍ଡଗୋଳିଆ ପରିସ୍ଥିତି ଉପୁଜିଥିବା ସୂଚନା ମିଳିଛି।

- ୪୪ ରାସ୍ତା ସିଲ୍
- ୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ
- ପ୍ରବାସୀଙ୍କ ପାଇଁ ୧୪ଦିନ କ୍ୱାରାଣ୍ଟାଇନ୍ ବାଧ୍ୟତାମୂଳକ

## ସୀମା ସିଲ୍ ପରେ ଏସ୍‌ପିଙ୍କ ତଦାରଖ

**ସାରସକଣା,୨୩।୪**

ମୟୂରଭଞ୍ଜ ଜିଲା ସୀମାକୁ ଲାଗି ରହିଥିବା ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରେ କରୋନା ସ୍ଥିତି ବିଗିଡ଼ିବାରେ ଲାଗିଛି। ପଶ୍ଚିମବଙ୍ଗରେ କରୋନାର ନୂଆ ଷ୍ଟ୍ରେନ୍ ସନ୍ଧାନ ମିଳିବା ପରେ ଓଡ଼ିଶାରେ ଚିନ୍ତା ବଢ଼ିଛି। ପ୍ରବାସୀମାନେ ଶହଶହ ସଂଖ୍ୟାରେ ଓଡ଼ିଶାକୁ ଚାଲି ଆସୁଥିବାରୁ ସେଥିରେ ରୋକ୍ ଲଗାଇବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ମୟୂରଭଞ୍ଜ ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ସୀମାବର୍ତ୍ତୀ ଅଞ୍ଚଳରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି। ଶୁକ୍ରବାର ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଆନ୍ତଃରାଜ୍ୟ ସୀମା ଜାମଶୋଳା ଓ ହାତିବାରୀ ଅଞ୍ଚଳରେ ପହଞ୍ଚି ସ୍ଥିତି ପରଖିଥିଲେ। ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଝାରପୋଖରିଆ ଥାନା ଆଇଆଇସି ସୁଦର୍ଶନ ଗାଙ୍ଗୋଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ତହସିଲଦାର ସତ୍ୟବାନ ନାଏକ ମଧ୍ୟ ଉପସ୍ଥିତ ଥିଲେ। ଉତ୍ତରପ୍ରଦେଶର କୁମ୍ଭ ମେଳାରୁ ଫେରୁଥିବା ପୁରୀ ଅଞ୍ଚଳର ୭ସାଧୁଙ୍କୁ ଜାମଶୋଳାଠାରେ ଆଞ୍ଚଳିକ ପରିବହନ ବିଭାଗ ଅଟକ ରଖିଥିଲା। ପରେ ସେମାନଙ୍କ ସମସ୍ତ ଠିକଣା ଲେଖି ରଖିବା ସହିତ ୧୪ଦିନ ସଂଗରୋଧରେ ରହିବାକୁ ନିର୍ଦ୍ଦେଶ ଦେଇ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।

ହାତିବାରୀ ଓ ଜାମଶୋଳା ପ୍ରମୁଖ ରାସ୍ତା ଦେଇ ପଶ୍ଚିମବଙ୍ଗରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖିବା ପାଇଁ ଜିଲା ପୋଲିସ ପକ୍ଷରୁ ଦେଢ଼ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ସେଠାରେ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ପୋଲିସ ଭଲଭାବେ ଯାଞ୍ଚ କରୁଛି। ଅନ୍ୟପକ୍ଷେ ୧୯ ତାରିଖଠାରୁ ଆନ୍ତଃରାଜ୍ୟ ସୀମାକୁ ଲାଗି ସମସ୍ତ ପାଦ ଚଲା ଓ ବାଇକ୍ ଯିବା ରାସ୍ତାକୁ ବାଉଁଶ ଦେଇ ବନ୍ଦ କରିବାକୁ ଜିଲାପାଳ ବିନୀତ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବ୍ଲକ ପ୍ରଶାସନର ହୁଗୁଳା ନୀତି ଯୋଗୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଜିଲା ତଥା ରାଜ୍ୟରେ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି। ଶୁକ୍ରବାର ଜିଲାରେ ୧୧୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପ୍ରତ୍ୟେକ ଦିନ ସଂକ୍ରମିତଙ୍କ ସଂଖ୍ୟା ଶହେ ପାର କରୁଥିବାରୁ ଜିଲା ପ୍ରଶାସନର ଚିନ୍ତା ବଢ଼ି ଚାଲିଛି। ପଶ୍ଚିମବଙ୍ଗରୁ ଆସୁଥିବା ସମସ୍ତ ଗାଡ଼ିର କାଗଜପତ୍ର ଯାଞ୍ଚ ସହ ଡ୍ରାଇଭର କୋଭିଡ୍ ଟେଷ୍ଟ ରିପୋର୍ଟ ନ ଦେଖାଇ ପାରିଲେ ଗାଡ଼ିଗୁଡ଼ିକୁ ଫେରାଇ ଦିଆଯାଉଛି। ତେବେ ମାତ୍ର ପଶ୍ଚିମବଙ୍ଗରୁ ମୟୂରଭଞ୍ଜ ଜିଲାକୁ ପ୍ରବେଶ କରିବା ପାଇଁ ଜଙ୍ଗଲ ରାସ୍ତା ଦେଇ ଅନେକ ଚଲାପଥ ରହିଛି। ଏହି ବାଟ ଦେଇ ପ୍ରବାସୀ ଓଡ଼ିଶା ମଧ୍ୟକୁ ପଳାଇ ଆସୁଛନ୍ତି। ସୀମାନ୍ତ ହାତିବାରୀ ସମେତ କିଛି ସ୍ଥାନକୁ ପୋଲିସ ଦ୍ୱାରା ସିଲ୍ କରାଯାଇଥିଲା ବେଳେ ଆଉ କିଛି ସ୍ଥାନକୁ ବନଅଧିକାରୀଙ୍କ ସାହାଯ୍ୟରେ ବନ୍ଦ କରାଯିବ ବୋଲି ଥାନାଧିକାରୀ ଗାଙ୍ଗୋଇ କହିଛନ୍ତି।

**ହୁଗୁଳା ହୋଇପଡ଼ିଛି ବ୍ଲକ ପ୍ରଶାସନ**




ଏସ୍‌ପି ପରମାର ସ୍ମିଥ୍ ପୁରୁଷୋତ୍ତମ ଦାସ ସୀମାରେ ସ୍ଥିତି ସମୀକ୍ଷା କରୁଛନ୍ତି।

## ସଂକ୍ଷେପରେ

### ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ



**ବାଲେଶ୍ୱର ଅଫିସ, ୨୩।୪:** ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡ଼େଲ ଥାନା ଅନ୍ତର୍ଗତ ଅରଡ଼ବଜାର ଅଞ୍ଚଳର ମସଜିଦ୍ ଗଳିରେ ଶୁକ୍ରବାର ପୋଲିସ ଚଢ଼ାଉ କରି ଜଣେ ମହିଳାଙ୍କଠାରୁ ୧୧ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ସହ ନଗଦ ୧୬୦୦ ଟଙ୍କା ଜବତ କରିଛି। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ.୧୨୯/୨୧) ରୁଜୁ କରାଯାଇ ୨୧(ବି)/୨୯ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ମସ୍‌ଜିଦ୍ ଗଳିରେ ଏସ୍‌କେ ସାଇରା ବିବି (୫୦) ଖୁଚୁରା ଭାବେ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ଖବରପାଇ ସହଦେବଖୁଣ୍ଟା ଥାନା ପୋଲିସ ଚଢ଼ାଉ କରିଥିଲା। ତାଙ୍କଠାରୁ ବ୍ରାଉନ୍‌ସୁଗାର ସହ ଟଙ୍କା ଜବତ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଏସ୍‌ଆଇ ନୀଳମଣି ନାୟକ, ଏଏସ୍‌ଆଇ ବି.କେ ମହାପାତ୍ର ଏବଂ ଏପିଆର୍ ଫୋର୍ସ ସାମିଲ ଥିଲେ।

### ଦିଲ୍ଲୀରେ କରୋନା ଆକ୍ରାନ୍ତ ଓଡ଼ିଆ ଯୁବକଙ୍କ ମୃତ୍ୟୁ

**ଖଇରା, ୨୩।୪(ଡି.ଏନ.ଏ.):** ୧୫ ବର୍ଷ ଧରି ଦିଲ୍ଲୀସ୍ଥିତ ଏକ ସଫ୍ଟୱେୟାର କମ୍ପାନୀରେ କାମ କରୁଥିବା ବାଲେଶ୍ୱର ଜିଲା ଖଇରା ଥାନା ଇଛାପୁର ଗ୍ରାମର ସୁରେଶ କୁମାର ପୁହାଣ(୪୨) କରୋନା ଆକ୍ରାନ୍ତ ହୋଇ ପ୍ରାଣ ହରାଇଛନ୍ତି। ସେ ଦକ୍ଷିଣ ଦିଲ୍ଲୀର ବିଜ୍ୱାସନ ଅଞ୍ଚଳରେ ରହୁଥିଲେ। କିଛି ଦିନ ପୂର୍ବରୁ ତାଙ୍କୁ ଜ୍ୱର ହୋଇଥିଲା। ଗୁରୁବାର ମଧ୍ୟରାତ୍ରିରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଜୀବନ ହାରିଲେ ଯୁବକ

**ଖଇରା, ୨୩।୪(ଡି.ଏନ.ଏ.)**-ବାଲେଶ୍ୱର ଜିଲା ଖଇରା ଥାନା କୁପାରୀ ପଞ୍ଚାୟତ ଅଧୀନ ଚୁନନଟୀ ଗ୍ରାମର ଚକ୍ରଧର ଶତପଥୀ(୨୭) ଗୁରୁବାର ରାତିରେ ଫ୍ୟାନରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ରାତିରେ ସମସ୍ତେ ଖାଇପିଇ ଶୋଇବା ପରେ ସେ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ସକାଳେ ତାଙ୍କୁ କବାଟ ଭାଙ୍ଗି ଉଦ୍ଧାର କରାଯାଇଥିଲା।

### 'ବାଞ୍ଛାନିଧି ଥିଲେ କଳା କୋକିଳ'

**ପଦ୍ମପୁର, ୨୩।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରକ୍ତତୀର୍ଥ ଇରମ ଠାରେ ଶହୀଦ ସ୍ମୃତି କମିଟି ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଜ୍ଞାପନ କରିଛନ୍ତି। ଶହୀଦ ସ୍ମୃତି ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସଭାପତି ଭାବେ ଶିକ୍ଷାବିତ ରତିକାନ୍ତ ରାୟ, ଅନ୍ୟତମ ଅତିଥି ଭାବେ ରତିକାନ୍ତ ପତି, ଗଙ୍ଗାଧର ଘଡ଼େଇ, ସ୍ମୃତି କମିଟି ସମ୍ପାଦକ ଅଜୟ କୁମାର ପଣ୍ଡା, ସାମାଜିକକର୍ମୀ ନୀରଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କବି ମହାନ୍ତିଙ୍କୁ ଆଚାର୍ଯ୍ୟ କୃପାଳାନିଙ୍କ ଭାଷାରେ ସେ ସମୟର କଳା କୋକିଳ ଥିଲେ ବୋଲି ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିପିଏମ୍‌ର ଦାବିପତ୍ର



ସିପିଏମ୍ ପକ୍ଷରୁ ବିଡିଓ ଛବିରାଣୀ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ,୨୩।୪**

ସାମ୍ପ୍ରତିକ ସମୟରେ ପ୍ରତ୍ୟେକ ଜିନିଷର ଦରଦାମ୍ ବୃଦ୍ଧି ପାଇଛି। ପେଟ୍ରୋଲ, ଡିଜେଲର ଦର ଆକାଶଛୁଆଁ। ସେହିଭଳି ଖାଇବା ତେଲଠାରୁ ଆରମ୍ଭ କରି ଔଷଧ ପର୍ଯ୍ୟନ୍ତ ଦର ବୃଦ୍ଧି ଅସହ୍ୟ ହୋଇପଡ଼ିଲାଣି। ମହାମାରୀ କରୋନା ବେଳେ ସାଧାରଣ ଲୋକେ ଏପରି ଆର୍ଥିକ ବୋଝକୁ ବହନ କରିବା ସମ୍ଭବ ନୁହେଁ। କେନ୍ଦ୍ର ସରକାର ଏ ଦିଗରେ ଉଦାସୀନ। ଏ ଦିଗରେ ଦୁରନ୍ତ ପଦକ୍ଷେପ ନେବା ପାଇଁ ବାଲେଶ୍ୱର ସିପିଏମ୍ ପକ୍ଷରୁ ରେମୁଣା ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

କୋଭିଡ୍‌ର ଦ୍ୱିତୀୟ ଲହର ସମୟରେ ଆୟ ଟିକସ ଦେଉ ନ ଥିବା ଲୋକଙ୍କୁ ମାସିକ ୭ହଜାର ୫୦୦ଟଙ୍କା ଏବଂ ମାଗଣା ରାଶନ ଯୋଗାଇ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସିପିଏମ୍ ଜିଲା ସମ୍ପାଦକ ମଣ୍ଡଳୀସଭ୍ୟ ପ୍ରେମରଞ୍ଜନ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ରେମୁଣା ବିଡିଓ ଛବିରାଣୀ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ କୋଭିଡ୍ ନିୟମ ପାଳନ କରାଯିବା ସହ ଭଗବାନ ମହାନ୍ତି, ସୁଦର୍ଶନ ବେହେରା, ମଣ୍ଟୁ ନାୟକ, ମନୋରଞ୍ଜନ ଜେନା, ପ୍ରଭାକର ଦାଶ, ସର୍ବେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟାକାରୀଙ୍କୁ ୫ ବର୍ଷ ଜେଲ୍

**କେନ୍ଦୁଝର,୨୩।୪(ସ୍ୱ.ପ୍ର.)**

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଶିରିଶପାଳ ଗ୍ରାମର ନିତ୍ୟାନନ୍ଦ ନାଏକ(୨୨)ଙ୍କ ହତ୍ୟା ମାମଲାର ବିଚାର କରି ଜିଲା ଓ ସେସନ୍ସ ଜଜ୍ ବେଣୁଧର ପାତ୍ର ଶୁକ୍ରବାର ଦୋଷୀଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଣୀ କରିଛନ୍ତି। ଅଭିଯୁକ୍ତ ହେଲେ ବାବୁଲୁ ମୁଣ୍ଡା (୨୩)। ମାମଲାର ବିବରଣୀ ଅନୁଯାୟୀ, ୨୦୧୭ ଏପ୍ରିଲ ୨୦ ତାରିଖ ସନ୍ଧ୍ୟା ୬ଟାରେ ଗ୍ରାମ ନିକଟରେ ମଦ ପିଉଥିବା ବେଳେ ନିତ୍ୟାନନ୍ଦ ଓ ବାବୁଲଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ବାବୁଲୁ ଏକ କାଠରେ ନିତ୍ୟାନନ୍ଦଙ୍କୁ ମାଡ଼ ମାରିଥିଲେ। ପରଦିନ ପରିବାର ଲୋକେ ନିତ୍ୟାନନ୍ଦଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଯେହେତୁ ଅଭିଯୁକ୍ତଙ୍କର ହତ୍ୟା କରିବା ଉଦ୍ଦେଶ୍ୟ ନ ଥିଲା ଏବଂ ହଠାତ୍ ଉତ୍କ୍ଷିପ୍ତ ହୋଇ ସେ ମାଡ଼ ମାରିଥିଲେ ତେଣୁ ତାଙ୍କ ଦଣ୍ଡ କୋହଳ ହୋଇଥିବା ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ କହିଛନ୍ତି।

## ହତ୍ୟା ଉଦ୍ୟମ ମାମଲାରେ ୨ ବର୍ଷ କାରାଦଣ୍ଡ

**ଭଦ୍ରକ ଅଫିସ,୨୩।୪**

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦତ୍ତ ପଟ୍ଟନାୟକ ଶୁକ୍ରବାର ଏକ ହତ୍ୟା ଉଦ୍ୟମ ମାମଲାର ବିଚାର କରି ଦୋଷୀଙ୍କୁ ଦୁଇବର୍ଷ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଶୁଣାଣି କରିଛନ୍ତି। ଦୋଷୀ ହେଲେ ତିହିଡ଼ି ଥାନା ଅଧୀନ ସୟା ପାଢ଼ୀସାହି ଗ୍ରାମର ଯୋଗେଶ ସାହୁ (ବୁଲୁ)। ଜରିମାନା ଅନାଦାୟ ଆଉ ୬ ମାସ ଜେଲ ଦଣ୍ଡ ଭୋଗିବା ପାଇଁ କୋର୍ଟ ରାୟ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ପାଢ଼ୀସାହି ଗ୍ରାମର ଅନନ୍ତ ବିଶ୍ୱାଳଙ୍କ ଟ୍ରାକ୍ଟରକୁ ବୁଲୁ ଭଡ଼ାରେ ନେଇ ହଳ କରିବା ପରେ ଟଙ୍କା ବାକି ରଖିଥିଲେ। ଅନନ୍ତ ମାଗିବାରୁ ବୁଲୁ ତାଙ୍କୁ ଟଙ୍କା ନ ଦେଇ ଗାଳିଗୁଲଜ କରିଥିଲେ। ବୁଲୁଙ୍କ ଭିଣୋଇ ସେହି ଗ୍ରାମ ମହାଦେବ ସାହିର ସୀତାରାମ କୁଅଁର ୨୦୧୬ ଅଗଷ୍ଟ ୨୭ରେ ତାଙ୍କ ଘରକୁ ଯାଇ ଏ ସମ୍ପର୍କରେ ପଚାରିବାରୁ ବୁଲୁ, ତାଙ୍କ ଭାଇ ଲକ୍ଷ୍ମୀଧର, ବାପା ଭକ୍ତହରି ଓ ମା' କୁମୁଦିନୀ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ସୀତାରାମଙ୍କ ସ୍ତ୍ରୀ ବୀଣାପାଣି ତିହିଡ଼ି ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୩୫୪/୧୬) ରୁଜୁ ହୋଇଥିଲା। କୋର୍ଟ ବୁଲୁଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଣି କରିଥିବା ବେଳେ ତାଙ୍କ ଭାଇ, ବାପା ଓ ମା' ପ୍ରମାଣ ଅଭାବରୁ ଖଲାସ ହୋଇଛନ୍ତି। ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଜତିକାନ୍ତ ନାୟକ ମାମଲା ପରିଚାଳନା କରିଥିଲେ।

## ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ୩ ପାଣି ପଞ୍ଚାୟତ କର୍ମକର୍ତ୍ତା

**ବନ୍ତ,୨୩।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ଜଳସେଚନ କାର୍ଯ୍ୟାଳୟ ସେକ୍ସନ ୨ ଓ ୩ ଅଧୀନ ୩ ପାଣି ପଞ୍ଚାୟତର କର୍ମକର୍ତ୍ତା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାଯାଇଛି। ୨୬ ନଂ. ସୀତାରାଣ ପାଣି ପଞ୍ଚାୟତର ସଭାପତି ଭାବେ ପ୍ରଦୀପ କୁମାର ପଣ୍ଡା, ସମ୍ପାଦକ ବିଦ୍ୟାଧର ଜେନା, କୋଷାଧ୍ୟକ୍ଷ ରାଜୀବ କୁମାର ସାହୁ, ୩୪ ନଂ. ସୁନାମୁହିଁ ପାଣି ପଞ୍ଚାୟତର ସଭାପତି ଭାବେ ଅବିନାଶ ନାୟକ, ସମ୍ପାଦକ ଦିଲୀପ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ଭରତ ସାହୁ ଏବଂ ୪୦ନଂ.ରେ ସଭାପତି ନିରଞ୍ଜନ ମଲ୍ଲିକ, ସମ୍ପାଦିକା ମନୋରମା ପଲେଇ, କୋଷାଧ୍ୟକ୍ଷ ଭାବେ ସୁଧାକର ଚକ୍ର ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ମନୋଜ କୁମାର ସେଠୀ, ଅମୂଲ୍ୟ କୁମାର ରାଉତ, ସହଯୋଗୀ ଭାବେ ପ୍ରଶାନ୍ତ କୁମାର ରାଉତ, ମୀର ଅବଦୁଲ ନମାନ୍, ଲକ୍ଷ୍ମୀକାନ୍ତ ସିଂ, ସୁରେନ୍ଦ୍ର ନାୟକ, ଭାଗବତ ଗୁଚ୍ଛ, ବାଇଧର ସେଠୀ ଓ ହରିହର ରାଉତ ଥିଲେ।

## ବୁଢ଼ି ଅଞ୍ଚଳରେ ଉଚ୍ଛେଦକୁ ନେଇ ଅସନ୍ତୋଷ

**କେନ୍ଦୁଝର,୨୩।୪(ସ୍ୱ.ପ୍ର.)**

କରୋନା ସମୟରେ ନିର୍ମାଣଧୀନ କାନପୁର ଜଳସେଚନ ପ୍ରକଳ୍ପ ଅଞ୍ଚଳରୁ ଗୁରୁବାର ଜୋର ଜବରଦସ୍ତ ଶତାଧିକ ଲୋକଙ୍କୁ ଉଚ୍ଛେଦ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। କୋର୍ଟରେ ମାମଲା ବିଚାରାଧୀନ ଥିବା ସତ୍ତ୍ୱେ ବୁଢ଼ି ଅଞ୍ଚଳରୁ ଲୋକଙ୍କୁ ପୋଲିସ ସହାୟତାରେ ଉଠାଇ ଦିଆଯାଇଥିବାରୁ ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏନେଇ ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ରହିଛି। ଆସନ୍ତା ମେ ମାସ ୨୦୨୧ରେ ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା। ତେବେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅବଜ୍ଞା କରି ଲୋକଙ୍କୁ ଉଚ୍ଛେଦ କରାଯାଇଥିବାରୁ ଖୁବ୍ ଶୀଘ୍ର ନ୍ୟାୟାଳୟ ଅବମାନନା ମାମଲା ଦାଏର କରିବେ ବୋଲି ମଞ୍ଚର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ କହିଛନ୍ତି।

କୋର୍ଟଙ୍କ ଆଦେଶ କ୍ରମେ ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ଥଇଥାନ କରାଯାଇ ନ ଥିବା ମଞ୍ଚ ସଭାପତି ଦେହୁରୀ ଅଭିଯୋଗ କରି ଜିଲାପାଳଙ୍କୁ ମଧ୍ୟ ଜଣାଇବେ ବୋଲି କହିଛନ୍ତି। ପ୍ରକାଶ ଯେ, ଉପଯୁକ୍ତ ଥଇଥାନ ଦାବିରେ ମଞ୍ଚ ପକ୍ଷରୁ ୨୦୨୦ ଅକ୍ଟୋବର ୧୪ରେ କାନପୁର ବୃହତ ଜଳସେଚନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକଙ୍କଠାରେ ଦାବି କରାଯାଇଥିଲା। ତେବେ ଏନେଇ କୌଣସି ସୁଫଳ ନ ମିଳିବାରୁ ୪୯୬୩/୨୦୨୧ ରେ ଏକ ରିଟ ପିଟିସନ ଉଚ୍ଚ ନ୍ୟାୟାଳୟରେ ଦାଖଲ ହୋଇଥିଲା। ଓଡ଼ିଶା ଥଇଥାନ ପୁର୍ନବସତି ନୀତି ୨୦୦୬ ଏବଂ ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶ କମିଟି (ଆରପିଡିଏସି) ଗାଇଡ୍‌ଲାଇନ ଅନୁଯାୟୀ ବିସ୍ଥାପିତଙ୍କୁ ସହାୟତା ଓ କ୍ଷତିପୂରଣ ମିଳି ନ ଥିବା ଦେହୁରୀ ଅଭିଯୋଗ କରି ଏହି ମାମଲା ଦାୟର କରିଛନ୍ତି। ଅତିରିକ୍ତ କ୍ଷତିପୂରଣ ଦାବିରେ ଆନ୍ଦୋଳନ ମଧ୍ୟ କରିଥିଲେ। ତେବେ କୋର୍ଟରେ ବିଚାରାଧୀନ ଥିବା କିମ୍ବା ସମ୍ପୂର୍ଣ୍ଣ କ୍ଷତିପୂରଣ ପାଇ ନ ଥିବା ବ୍ୟକ୍ତିଙ୍କୁ ଉଚ୍ଛେଦ କରାଯାଇନାହିଁ ବୋଲି କାନପୁର ଜଳସେଚନ ପ୍ରକଳ୍ପର ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ଚନ୍ଦ୍ର ନାୟକ କହିଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଚନ୍ଦ୍ରମଣି ସୁବୁଦ୍ଧି**
ପିପି-୧୩, ପାଣ୍ଡବ ନଗର, ଭୁବନେଶ୍ୱର
ଆବିର୍ଭାବ - ୧୫.୦୫.୧୯୩୩
ତିରୋଧାନ - ୧୪.୦୪.୨୦୨୧
ବୋଉ... ପ୍ରତି ମହୂର୍ତ୍ତରେ ତୁମର ଶୂନ୍ୟସ୍ଥାନ ଆମକୁ ବ୍ୟଥିତ କରୁଛି । ତୁମର ଅନାବିଳ ସ୍ନେହ, ତ୍ୟାଗ ଓ ଭଲପାଇବା ଆମେ କେବେହେଲେ ଭୁଲିପାରିବୁ ନାହିଁ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୦୫୯୧

**ଏକାଦଶତମ ଶ୍ରାଦ୍ଧବାର୍ଷିକୀ**



**୰ସ୍ନେହଲତା ଷଡ଼ଙ୍ଗୀ**
ରତ୍ନାକରବାଗ, ଟଙ୍କପାଣି ରୋଡ୍, ଭୁବନେଶ୍ୱର
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ ବାହୁଡ଼ାଯାତ୍ରା)
ଇତି ମଧ୍ୟରେ ୧୧ବର୍ଷ ବିତିଗଲାଣି । ତଥାପି ଲାଗୁଛି, ସତେ ଯେପରି ତୁମେ ଆମ ସହିତ ଅଛ । ତୁମ ସ୍ନେହ, ଶ୍ରଦ୍ଧା, ନିଷ୍ଠା ଓ ଆଦର୍ଶ ଆମକୁ ପ୍ରେରଣା ଦେଉଥାଉ । ତୁମେ ଯେଉଁଠି ଥାଅ, ଶାନ୍ତିରେ ଥାଅ । ଏହାହିଁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ସ୍ୱାମୀ: କାଳିନ୍ଦୀ ଚରଣ ଷଡ଼ଙ୍ଗୀ ଓ ପରିବାରବର୍ଗ ।
ଧ-୨୦୫୮୬

**୪ର୍ଥ ଜନ୍ମଦିନ ଶୁଭେଚ୍ଛା**



(ପୁପୁନ)
**ପ୍ରଭୁ ପ୍ରସାଦ ଦାସ**
ଶ୍ରୀରାମ ନଗର, ଓଲ୍ଡ ଟାଉନ, ଭୁବନେଶ୍ୱର
ଆଜି ତୋର ଶୁଭ ଜନ୍ମଦିନରେ ଭଗବାନଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ।
-:ଶୁଭେଚ୍ଛା ସହ:-
ତିନି ଜେଜେ, ତିନି ମା', ଅଜା, ଆଈ, ମାମୁ, ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ଖୁଡ଼ୀ, ଅପା, ପିଉସା, ସୋମଭାଇ, ବବ୍‌ଲି, ଛବ୍‌ଲି, ଲକି, ଖୁସି, ସାଇ, ତିତ୍‌ଲି, ଓମ୍, ରିସି ଓ ବନ୍ଧୁ ପରିବାରବର୍ଗ ।
ଧ-୬୯୪୯୯

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ପଞ୍ଚାୟତ ଏବଂ ବ୍ଲକ୍‌ରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
8895029591

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
**BALAJI FINANCE**
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**Indus Digilat Tower**
ପ୍ରଥମ ଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ



R-102, Cyber Building, Bangalore, Karnataka-400021.
6396901850
7505488038

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପ୍ରବାସୀ ଶ୍ରମିକଙ୍କ ତାଲିକା ଦେବ ଏସ୍‌ଏଚ୍‌ଜି

**ବନ୍ତ,(ଡି.ଏନ.ଏ.):** କରୋନା ମହାମାରୀ ସମୟରେ ରାଜ୍ୟ ଓ ରାଜ୍ୟ ବାହାରୁ ଭଦ୍ରକ ଜିଲା ବନ୍ତ ବ୍ଲକ ଅଞ୍ଚଳକୁ ଫେରୁଛନ୍ତି ପ୍ରବାସୀ ଶ୍ରମିକ। ସେହିପରି ବ୍ଲକ ଅଞ୍ଚଳରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଏସବୁର ତାଲିକା ବ୍ଲକ ପ୍ରଶାସନକୁ ପ୍ରଦାନ କରିବେ ବ୍ଲକର ସମସ୍ତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)। ଏ ସମ୍ପର୍କରେ ବିଭାଗୀୟ ସୂତ୍ରରୁ ଜଣାଯାଇଛି। ସମସ୍ତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏମ୍‌ବିକେ ଓ ସିଆର୍‌ପିଙ୍କ ଜରିଆରେ ଦୈନନ୍ଦିନ ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ତାଲିକା ପ୍ରଦାନ କରିବାକୁ କୁହାଯାଇଛି।

## ସଂକ୍ଷେପରେ

### ଅମୃତିଆ ନାଳର ମୁକୁଳା ମୁହଁ ବନ୍ଦ ଲାଗି ଟେଣ୍ଡର ପ୍ରକ୍ରିୟା ଆରମ୍ଭ

ବାଲେଶ୍ୱର ଅଫିସ, ୨୩।୪-ବାଲେଶ୍ୱର ଜିଲା ବୁଢ଼ାବଲଙ୍ଗ ନଦୀ ଅମୃତିଆ ନାଳର ମୁକୁଳା ମୁହଁ ବନ୍ଦ କରିବା ପାଇଁ ପ୍ରଶାସନ ତରଫରୁ ଟେଣ୍ଡର କାମ ଆରମ୍ଭ ହୋଇଛି। ପ୍ରାୟ ୭୧ଲକ୍ଷ ଟଙ୍କା ବିନିଯୋଗରେ ଏହି କାର୍ଯ୍ୟ ୩ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହି ଅମୃତିଆ ନାଳର ମୁହଁ ମୁକୁଳା ଯୋଗୁ ବୁଢ଼ାବଲଙ୍ଗ ନଦୀରେ ସାମାନ୍ୟ ବନ୍ୟାଜଳ ଆସିଲେ ରେମୁଣା ଓ ସଦର ବ୍ଲକ୍‌ର ୧୫ଟି ପଞ୍ଚାୟତ ଯଥା -ନିଜାମପୁର, ଚଷାଖଣ୍ଡ, ନଗ୍ରମ, ଦହପଡ଼ା, ବୁଆଁଳ, ଓଡ଼ଙ୍ଗୀ, ଓଲନ୍ଦା ସାରଗାଁ, ସିନ୍ଧିଆ, ଗୋପୀନାଥପୁର, ବାହାବଳପୁର ଆଦି ପଞ୍ଚାୟତର ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥାଏ। ରାସ୍ତାଘାଟ, ବିଲ ବନ୍ଧ ଆଦି କ୍ଷତିଗ୍ରସ୍ତ ହେବା ସହ ଗମନାଗମନ ବନ୍ଦ ହୋଇଯାଇଥାଏ। ମୁକୁଳା ମୁହଁ ବନ୍ଦ କରିବା ଲାଗି 'ବାଙ୍କତୀରା ଜଳସେଚନ ପ୍ରକଳ୍ପ ନିର୍ମାଣ କ୍ରିୟାନୁଷ୍ଠାନ କମିଟି' ତରଫରୁ ବାରମ୍ବାର ଦାବି ହୋଇଆସୁଥିଲା। ଏହି କାମ ପାଇଁ ଜଳସମ୍ପଦ ବିଭାଗ ତରଫରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଏହି ଖବର ଜଣାପଡିବା ପରେ ପଞ୍ଚାୟତବାସୀ ସ୍ୱାଗତ କରିବା ସହ କ୍ରିୟାନୁଷ୍ଠାନ କମିଟି ଧନ୍ୟବାଦ ଦେଇଛି।

### ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଖଇରା, ୨୩।୪(ଡି.ଏନ.ଏ.):** ପଶ୍ଚିମବଙ୍ଗ ମୁର୍ଶିଦାବାଦରୁ ଆସି ଖଇରାରେ ରହି ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ମିଥୁନ ଶେଖ(୩୨)ଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ସେ ଗତ ୨ଦିନ ପୂର୍ବରୁ ଘରକୁ ଯିବେ ବୋଲି କହି ମାଲିକଙ୍କ ନିକଟରୁ ପଇସା ନେଇଥିଲେ। ଶୁକ୍ରବାର ପୂର୍ବାହ୍ନରେ ସେ ରହୁଥିବା ଭଡା ଘରେ ଗୁରୁତର ଅବସ୍ଥାରେ ପଡିଥିବା ଦେଖି ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ଖଇରା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ବିଜେଡି ପକ୍ଷରୁ ମାସ୍କ ବଣ୍ଟନ

**ବାସୁଦେବପୁର/ପଦ୍ମପୁର, ୨୩।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଏବି ହାଇସ୍କୁଲ ଛକଠାରେ ବିଜେଡି ପକ୍ଷରୁ କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ମାସ୍କ ବଣ୍ଟନ କରାଯାଇଛି। ସ୍ଥାନୀୟ ବିଧାୟକଙ୍କ ପ୍ରତିନିଧି ଅସିତ୍ ଦାସ, ନଗର ଯୁବ ବିଜେଡି ସଭାପତି ମାନସ ସାହୁ, ସମ୍ବିତ ମହାନ୍ତି, କାଳନ୍ଦୀ ସାହୁ ପ୍ରମୁଖ କର୍ମକର୍ତ୍ତା ମାସ୍କ ବଣ୍ଟନ କରିଥିଲେ। କରୋନା ମହାମାରୀର ଜଟିଳ ପରିସ୍ଥିତିକୁ ପ୍ରତ୍ୟେକ ବ୍ୟକ୍ତି ଗୁରୁତ୍ୱ ଦେଇ ମାସ୍କ ପିନ୍ଧିବା ସହ ନିୟମ ଓ କଟକଣା ମାନିବାକୁ ଲୋକଙ୍କୁ ସଚେତନ କରାଇଥିଲେ।

### କ୍ୟାମ୍ପ ଖୋଲି କୋଭିଡ୍ ଟେଷ୍ଟ ସହ ଗାଁକୁ ସାନିଟାଇଜ ଦାବି

**ପାଟଣା, ୨୩।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଶିବନାରାୟଣପୁର ହୁଡ଼ି ସାହି, ବାଉଁଶ ଡିହା ସାହି, ସ୍ୱାମଶାସନ ଓ ଝଟିପଡ଼ା ଗ୍ରାମରେ କେତେକ ଲୋକେ ଥଣ୍ଡା ଜ୍ୱରରେ ପୀଡିତ ଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ କେତେଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଉକ୍ତ ଗ୍ରାମଗୁଡ଼ିକରେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଇ କୋଭିଡ୍ ଟେଷ୍ଟ କରାଇବାକୁ ଦାବି ହେଉଛି। ସ୍ୱାମ ଶାସନରେ ଗତ ୧୫ ତାରିଖରେ ଗୋଟିଏ ପରିବାରରୁ ୮ ବ୍ୟକ୍ତିଙ୍କ ପଜିଟିଭ ବାହାରିବା ପରେ ଉକ୍ତ ଘରକୁ ପ୍ରଶାସନ ପକ୍ଷରୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କାଯାଇଥିଲା। ଉଭୟ ଶିବନାରାୟଣପୁର ହୁଡ଼ି ସାହି ଓ ବାଉଁଶଡିହା ସାହି ଓ ସ୍ୱାମ ଶାସନକୁ ସାନିଟାଇଜ କରିବା ସହ ଗାଁରେ କ୍ୟାମ୍ପ ମାଧ୍ୟମରେ କୋଭିଡ ଟେଷ୍ଟ କରିବାକୁ ଦାବି ହୋଇଛି।

### ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା

**ବଡବିଲ, ୨୩।୪(ସ୍ୱ.ପ୍ର):** କେନ୍ଦୁଝର ଜିଲା ବଡବିଲ ମୁଖ୍ୟ ବଜାର ସ୍ଥିତ ହନୁମାନ ମନ୍ଦିରରେ କୋଭିଡ କଟକଣାକୁ ଆଖି ଆଗରେ ରଖି ମନ୍ଦିର ଭିତରକୁ ଭକ୍ତଙ୍କ ପ୍ରବେଶ ଉପରେ ନିଷେଧାଦେଶ ଜାରି କରିଥିଲା ମନ୍ଦିର କମିଟି। ଚୈତ୍ର ଶୁକ୍ଳ ପକ୍ଷ ନବମୀ ତିଥି ଶ୍ରୀରାମ ନବମୀ ଉତ୍ସବ ଥିବାରୁ ଭକ୍ତମାନେ ଠାକୁରଙ୍କ ଦର୍ଶନ ନିମନ୍ତେ ଆସି ମନ୍ଦିର ଦ୍ୱାର ସମ୍ମୁଖରେ ଧୂପ, ଦୀପ ଦେଇ ଫେରିବାକୁ ବାଧ ହୋଇଥିଲେ। ଗତ ୯ ଦିନ ଧରି ଏହି ମନ୍ଦିରରେ ଶ୍ରୀରାମଚରିତ ମାନସ ପାରାୟଣ ଅନୁଷ୍ଠିତ ହୋଇଥିଲାବେଳେ ରାମନବମୀ ଦିନ ଯଜ୍ଞ, ଆଳତି ଓ ପୂର୍ଣ୍ଣାହୁତି ଆଦି ପୂଜାକାର୍ଯ୍ୟ ମନ୍ଦିର କମିଟିର ସୀମିତ କେତେକ କର୍ମକର୍ତ୍ତା ଓ ସଦସ୍ୟଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା।

# ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

**ବାଲେଶ୍ୱର ଅଫିସ, ୨୩।୪**


ପ୍ରତିବାଦ ସଭାରେ ଯୋଗଦେଇଥିବା ମହିଳା।

ବାଲେଶ୍ୱର ସହରାଞ୍ଚଳର ସୁନହଟ ପାତ୍ରପଡ଼ା ଛକରେ ଅବକାରୀ ବିଭାଗ ପକ୍ଷରୁ ପ୍ରସ୍ତାବିତ ସରକାରୀ ମଦ ଦୋକାନ ଖୋଲାଯିବାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ରାସ୍ତାରୋକୋ କରାଯିବା ସହ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା।

ଚଳିତବର୍ଷ ଜିଲାର ଅନେକ ସ୍ଥାନରେ ନୂଆ ମଦ ଦୋକାନକୁ ଅନୁମତି ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ପାତ୍ରପଡ଼ା ଛକ ନିକଟରେ ଏକ ବିଦେଶୀ ମଦ ଦୋକାନ ଆରମ୍ଭ କରାଯିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିବା ଖବର ପାଇ ସ୍ଥାନୀୟ ବାସିନ୍ଦା ଏକ ପ୍ରତିବାଦ ସଭା ଆୟୋଜନ କରି ଏହାର ତୀବ୍ର ବିରୋଧ କରିଛନ୍ତି। ସ୍ଥାନୀୟ ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ପ୍ରତିବାଦ ସଭାରେ କବି ତଥା ସମାଜସେବୀ ଅଭୟ ଦାସ ସଭାପତିତ୍ୱ କରିଥିଲେ। ଚିନ୍ମୟ ବିଶ୍ୱାଳ, ରାଜେନ୍ଦ୍ର ରାଉତ, ବିଶ୍ୱନାଥ ରାଉତ, ଶ୍ରଦ୍ଧାଞ୍ଜଳି ରାୟ, ସିଦ୍ଧେଶ୍ୱର ବିନ୍ଧାଣି ପ୍ରମୁଖ ଯୋଗଦେଇ ପ୍ରସ୍ତାବିତ ମଦ ଦୋକାନ ନିକଟରେ ସୁବର୍ଣ୍ଣେଶ୍ୱର ମହାଦେବ ମନ୍ଦିର, ସୁନହଟ ମଇ ସ୍କୁଲ, ଭୁଜାଖିଆ ପୀର ମସଜିଦ୍, ବଳାଙ୍ଗୀ ମହାବିଦ୍ୟାଳୟ, ପାତ୍ରପଡ଼ା ପ୍ରାଥମିକ ବିଦ୍ୟାଳୟ ରହିଛି। ଅତୀତରେ ଏହି ଅଞ୍ଚଳରେ ଦଙ୍ଗା ହୋଇଥିବାରୁ ଏଭଳି ସମ୍ବେଦନଶୀଳ ଅଞ୍ଚଳରେ ମଦ ଦୋକାନକୁ ଅନୁମତି ଦେଇ ସରକାର ଓ ଜିଲା ପ୍ରଶାସନର ଅପରିଣାମଦର୍ଶୀ ନିଷ୍ପତ୍ତି ବୋଲି କହିଥିଲେ। ପ୍ରଶାସନ ତାଙ୍କର ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିନେବା ଲାଗି ଦାବି ହୋଇଥିଲା। ଆଗାମୀ ଦିନରେ ଏହା ବିରୋଧରେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ ୨ଶହରୁ ଊର୍ଦ୍ଧ୍ୱ ମହିଳା, ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଚେତାବନୀ ଦେଇଥିଲେ। ପ୍ରତିବାଦ ସଭାରେ ଭୁଜାଖିଆ ପୀର ଶାନ୍ତି କମିଟି ସଭାପତି ସେକ୍ ରଫିକ୍, ନନ୍‌ଷ୍ଟପ୍ କ୍ଲବର ସମସ୍ତ ସଦସ୍ୟ, ସୁନହଟ, ବଡଖୁଆ ଓ ପାତ୍ରପଡ଼ା ଅଞ୍ଚଳର ବହୁ ଲୋକ ଯୋଗଦେଇଥିଲେ।

# ପୃଥକ୍ ଦୁର୍ଘଟଣା: ଚାଲିଗଲା ୨ ଯୁବକଙ୍କ ଜୀବନ

**ଢେଙ୍କିକୋଟ, ୨୩।୪ (ଡି.ଏନ.ଏ.)**

କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅଞ୍ଚଳରେ ପୃଥକ୍ ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟି ୨ ଯୁବକଙ୍କ ଜୀବନ ଯାଇଛି। ସୂଚନା ଅନୁଯାୟୀ, ୨୦ ନଂ. ଜାତୀୟ ରାଜପଥର କଟରବେଡା ନିକଟରେ ଗୁରୁବାର ରାତିରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସାନ୍ତରାପୁର ପଞ୍ଚାୟତ ଛତିଆର ଲୋକନାଥ ନାୟକ। ସେ ତାଙ୍କ ଭଉଣୀ ବାହାଘର କାର୍ଡ ବାଣ୍ଟିବାକୁ ବନ୍ଧୁ ଘରକୁ ଯାଇ ବାଇକ୍‌ରେ ଫେରୁଥିବା ବେଳେ ଖାଲରେ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଫାଣ୍ଡି ଅଧିକାରୀ ଈଶ୍ୱର ଚନ୍ଦ୍ର ପ୍ରଧାନ ଶୁକ୍ରବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ନେଇ ଘଟଗାଁ ଥାନାରେ ମାମଲା(ନଂ.୫୬/୨୧) ରୁଜୁ ହୋଇଛି।

ସେହିପରି ତଣ୍ଡିବେଢ଼ା ଗ୍ରାମରେ ଏକ ଗଛରେ ଧକ୍କା ହୋଇ ବାଇକ୍ ଆରୋହୀ ମନୋହରପୁର ପଞ୍ଚାୟତ ଡଙ୍ଗୁଆପସି ଗ୍ରାମର ଗୋବିନ୍ଦ ଦେହୁରୀଙ୍କ ମୃତ୍ୟୁ ଘଟିଛି। ସେ ଢେଙ୍କିକୋଟରୁ ତଣ୍ଡିବେଢ଼ା ଦେଇ ନିଜ ଗ୍ରାମକୁ ଯାଉଥିବା ବେଳେ ମୁଣ୍ଡାସାହି ନିକଟରେ ଏକ ଗଛକୁ ଧକ୍କା ଦେଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଘଟଗାଁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଘଟଗାଁ ଥାନାରେ ମାମଲା ରୁଜୁ ହୋଇଛି।

# ଅମ୍ଳଜାନ, ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଦାବିପତ୍ର

**ଭଦ୍ରକ ଅଫିସ,୨୩।୪**

ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। କୋଭିଡ୍ ମୁକାବିଲା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଅମ୍ଳଜାନ ସିଲିଣ୍ଡର ମହଜୁଦ ରଖିବା, କୋଭିଡ୍ ନିୟନ୍ତ୍ରଣ ପାଇଁ ଟିକାର ସାର୍ବଜନୀନକରଣ, ପ୍ରଧାନମନ୍ତ୍ରୀଙ୍କ କେୟାର ଫଣ୍ଡରେ ଥିବା ସମସ୍ତ ଅର୍ଥ କୋଭିଡ୍ ନିୟନ୍ତ୍ରଣ କାର୍ଯ୍ୟରେ ଲଗାଇବା, ପେଟ୍ରୋଲ ଡିଜେଲ ଦର ନିୟନ୍ତ୍ରଣ ସମେତ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଆଗାମୀ ୬ ମାସ ପାଇଁ ମାଗଣାରେ ସାଧାରଣ ଲୋକଙ୍କୁ ଯୋଗାଇବା, ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନେବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି। ଅଖିଳ ଭାରତ କୃଷକ ସଭା ସହବନ୍ଧିତ ଓଡ଼ିଶା କୃଷକ ସଭା, ଭାରତର ଟ୍ରେଡ୍ ୟୁନିୟନ କେନ୍ଦ୍ର (ସିଆଇଟିୟୁ) ଓ ଅଖିଳ ଭାରତ କୃଷି ଶ୍ରମିକ ସଂଘର ଭଦ୍ରକ ଜିଲା କମିଟି ପକ୍ଷରୁ ମିଳିତ ଭାବେ ଏକ ଜିଲାସ୍ତରୀୟ ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ପ୍ରତିନିଧି ଦଳରେ ଓଡ଼ିଶା କୃଷକ ସଭାର ଜିଲା ସଭାପତି ଚନ୍ଦ୍ରଶେଖର ନାୟକ, ସିଆଇଟିୟୁ ଜିଲା ସଭାପତି ଦିବ୍ୟସିଂହ ନାୟକ, ସମ୍ପାଦକ କାଳନ୍ଦୀ ପାତ୍ର, ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ପାଢ଼ୀ, ଓଡ଼ିଶା କୃଷକ ସଭା ଯୁଗ୍ମ ସମ୍ପାଦକ ବିକାଶ ନାଥ, ଚାଷୀନେତା ନିରଞ୍ଜନ ପାଣି, ଗୌରାଙ୍ଗ ଯେନା, ବେଣୁଧର ନାୟକ, ବରିଷ୍ଠ ଶ୍ରମିକ ନେତା ଅଭିନ୍ନ ଚନ୍ଦ୍ର ରାୟ ପ୍ରମୁଖ ସାମିଲ ଥିଲେ। କରୋନାର ଦ୍ୱିତୀୟ ଲହରର ପ୍ରଳୟଙ୍କରୀ ଅବସ୍ଥା ସମୟରେ ଆମ ଦେଶର ସରକାରୀ ସମ୍ପତ୍ତି ବିକ୍ରି ବନ୍ଦ ଓ ଚାଷୀ ବିରୋଧୀ ୩ କଳା ଆଇନକୁ ବାତିଲ କରିବାକୁ ସଙ୍ଗଠନଗୁଡ଼ିକର ନେତୃବୃନ୍ଦ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ପହିଲାରୁ ରବି ଧାନ କିଣା

**ବାରିପଦା ଅଫିସ,୨୩।୪**

ଆସନ୍ତା ମେ' ପହିଲାରୁ ମୟୂରଭଞ୍ଜ ଜିଲାର ଚାଷୀମାନଙ୍କଠାରୁ ରବି ଧାନ କିଣା ଆରମ୍ଭ ହେବ। ରବି ଋତୁରେ ଧାନ ବିକ୍ରି ନିମନ୍ତେ ୧୨୭୯ ଜଣ ନୂଆ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୪୪୫ ପୁରୁଣା ଚାଷୀ ନାମ ନବୀକରଣ କରାଇଛନ୍ତି । ଗତ ୨୦୧୯-୨୦ ରବି ଋତୁରେ ୧୬୧୯ ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ଚଳିତ ୨୦୨୦-୨୧ ରବି ଋତୁରେ ୧୦୫ ଅଧିକ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଚଳିତ ଥର ରବି ଋତୁରେ ୧୯ ଲ୍ୟାମ୍ପସ ମଧ୍ୟରୁ କେବଳ ଭୁଆଷୁଣି, ମାନଗୋବିନ୍ଦପୁର, ରାସଗୋବିନ୍ଦପୁର, ଦେଉଳି ଆଦି ୫ଟି ମଣ୍ଡିକୁ ବାଦ ଦେଲେ ଅବଶିଷ୍ଟ ୧୪ ମଣ୍ଡିରେ ଚାଷୀମାନଙ୍କ ପଞ୍ଜୀକରଣ ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇଥିବା ଜଣାପଡ଼ିଛି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶାନୁସାରେ ଚଳିତ ୨୦୨୦-୨୧ବର୍ଷ ପାଇଁ ଚାଷୀମାନଙ୍କଠାରୁ ୫୮ ମେଟ୍ରିକ୍ ଟନ୍ ଧାନ କ୍ରୟ ଲକ୍ଷ୍ୟ ରଖାଯାଇଛି। ଜିଲାର ୧୯ଟି ଲ୍ୟାମ୍ପସ୍ ମାଧ୍ୟମରେ ମୋଟ ୧,୭୨୪ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ତେବେ ଶାମାଖୁଣ୍ଟା ଲ୍ୟାମ୍ପସରେ ଗତବର୍ଷ ୧୧୦ଜଣ ନାମ ପଞ୍ଜୀକରଣ କରିଥିବା ବେଳେ ଚଳିତ ବର୍ଷ କୌଣସି ଜଣେ ହେଲେ ଚାଷୀ ନାମ ପଞ୍ଜୀକରଣ କରିନାହାନ୍ତି ।

# ସ୍କୁଲ ଭିତ୍ତିଭୂମି ବିକାଶ ନେଇ ଆଲୋଚନା

**ବାସୁଦେବପୁର, ୨୩।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ୪ ପୁରାତନ ଓ ପ୍ରମୁଖ ହାଇସ୍କୁଲର ଭିତ୍ତିଭୂମି ବିକାଶ, ବିଜ୍ଞାନାଗାର, ସ୍ମାର୍ଟକ୍ଲାସ ରୁମ୍‌ର ଉନ୍ନତୀକରଣ ପାଇଁ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହିତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକ୍ରବାର ଆଲୋଚନା କରିଛନ୍ତି। ବିଧାୟକଙ୍କ ବାସଗୃହରେ ଆଲୋଚନା ହୋଇଥିବା ବେଳେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବେତଡ଼ା, କେକେଜିପି ହାଇସ୍କୁଲ ଚାନ୍ଦିମାଳ, ଆରବିଭିଏମ୍ ଗୁଆଗଡ଼ିଆ ଓ ଭାସ୍କରଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଏଡ଼ତାଳ ପରିସରରେ ଥିବା ପରିତ୍ୟକ୍ତ ଓ ଅର୍ଦ୍ଧଭଗ୍ନ ଗୃହକୁ ତୁରନ୍ତ ଭଙ୍ଗାଯାଇ ନୂତନ ଶ୍ରେଣୀଗୃହ ନିର୍ମାଣ ସହ ବିଭିନ୍ନ ସମସ୍ୟା ବାବଦରେ ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଶିକ୍ଷକମାନଙ୍କ ପକ୍ଷରୁ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା।


ଶିକ୍ଷକମାନେ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କୁ ସ୍ୱାଗତ କରୁଛନ୍ତି।

ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ସରପଞ୍ଚ ଦୀନବନ୍ଧୁ ଦାସ, ନଗର ବିଜେଡି ସଭାପତି ଶ୍ୟାମସୁନ୍ଦର ମହାନ୍ତି, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ତପନ ଦାସ, କରୁଣାକର ଧନୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୪ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ଓ ସ୍ମାର୍ଟରୁମ୍, ବିଜ୍ଞାନଗାରର ଉନ୍ନତୀକରଣ ପାଇଁ ସେ ବ୍ୟକ୍ତିଗତ ଭାବେ ଧ୍ୟାନ ଦେବେ ବୋଲି ବିଧାୟକ ରାଉତରାୟ ପ୍ରତିଶ୍ରୁତି ଦେଇଛନ୍ତି।

# ନୋଡାଲ ଅଫିସରଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ଦାୟିତ୍ୱ

**ବନ୍ତ,୨୩।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ୨୫ ପଞ୍ଚାୟତରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିଚାଳନା ଦାୟିତ୍ୱ ୨୫ ନୋଡାଲ ଅଫିସରଙ୍କୁ ଦିଆଯାଇଛି। ବ୍ଲକ ପ୍ରଶାସନର ନିର୍ଦ୍ଦେଶ ଅନୁଯାୟୀ ଆଡ଼ିଆରେ ଜଳଧର ସେଠୀ, ଅଣିଜୋରେ ପ୍ରଫୁଲ୍ଲ କୁମାର ନାୟକ, ବଡ଼ବର୍ଚ୍ଛିକୟାଁରେ ମନୋଜ ରାଉଳ, ବଡ଼ମହିଷଗୋଠରେ ଦେବବ୍ରତ ଦାସ, ବିଟିପୁରରେ ଦୁର୍ଯ୍ୟୋଧନ ମଲ୍ଲିକ, ବସନ୍ତିଆରେ ଶୁଭେନ୍ଦ୍ର ବିଶ୍ୱାଳ, ବନ୍ତରେ ସୁଧୀର ବାରିକ, ଚାରିଗାଁରେ ଶରତ ଚନ୍ଦ୍ର ଦାସ, ଛୟାଳସିଂରେ ଅନିରୁଦ୍ଧ ଜେନା ଓ ଗଣିଜାଙ୍ଗରେ ଅଭୟ କୁମାର ପ୍ରଧାନ ଏହି ଦାୟିତ୍ୱ ତୁଲାଇବେ। ସେହିପରି ଗୋପିନାଥପୁରରେ ବିକ୍ରମ କେଶରୀ ପାଲ, ଗୋବିନ୍ଦପୁରରେ ରାଜେନ୍ଦ୍ର ପ୍ରସାଦ ବେହେରା, କାଦବରାଙ୍ଗରେ ରାମଚନ୍ଦ୍ର ଜେନା, କେନ୍ଦୁଆପଦାରେ ବଳରାମ ଭୂୟାଁ, ମହାନ୍ତିପଡ଼ାରେ ପ୍ରଫୁଲ୍ଲ କୁମାର ଜେନା, ନିଳୋକରେ ଜଗତ ଜୀବନ ଜେନା, ଓଡ଼ଙ୍ଗରେ ମାଧବାନନ୍ଦ ମୁଣ୍ଡା, ପଧାନପଡ଼ାରେ ହଳଧର ସେଠୀ, ପୁରୁଷଣ୍ଡରେ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ରାମଚନ୍ଦ୍ରପୁରରେ ପ୍ରତାପ ଚନ୍ଦ୍ର ବିଶ୍ୱାଳ, ରାମକୃଷ୍ଣପୁରରେ ଭରତ କୁମାର ଓଝା, ରାମପୁରରେ କରୁଣାକର ନାୟକ, ସେଣ୍ଟତୀରାରେ ପରେଶ ଚନ୍ଦ୍ର ପରିଡ଼ା, ଟିଲୋରେ ସୁକାନ୍ତ କୁମାର ବେହେରା ଏବଂ ତୋଡ଼ଗାଁରେ କିଶୋର ଚନ୍ଦ୍ର ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ସୂଚନା ମିଳିଛି।

# ମୋ ସ୍କୁଲ ଅଭିଯାନକୁ ୧ ଲକ୍ଷ

**ଭଦ୍ରକ ଅଫିସ, ୨୩।୪**

ଭଦ୍ରକ ଜିଲା ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ମୋ ସ୍କୁଲ ଅଭିଯାନକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ୨୦୨୦ରେ ଶତପ୍ରତିଶତ ମାଟ୍ରିକ୍ ପରୀକ୍ଷାଫଳ ଆଧାରରେ ସରକାରଙ୍କଠାରୁ ଗ୍ରହଣ କରିଥିବା ୧ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶିକୁ ସମ୍ମିଳିତ ଭାବେ ମୋ ସ୍କୁଲ୍ ଅଭିଯାନକୁ ପ୍ରଦାନ କରିଥିବା ଜଣାଯାଇଛି। ଏହି କ୍ଷୁଦ୍ର ଦାନ ବିଦ୍ୟାଳୟର ବିକାଶ କ୍ଷେତ୍ରରେ ସହାୟକ ହେବ ବୋଲି କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକ ଆଶାବ୍ୟକ୍ତ କରିଛନ୍ତି।

# ବିଧାୟକଙ୍କ ସମୀକ୍ଷା ବୈଠକକୁ ବ୍ଲକ ଅଧ୍ୟକ୍ଷଙ୍କ ବିରୋଧ

**ଖୁଣ୍ଟା/କୁଆମରା,୨୩।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ସ୍ଥିତ ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟରେ ହେବାକୁ ଥିବା ଏକ ସମୀକ୍ଷା ବୈଠକକୁ ନେଇ ଶୁକ୍ରବାର ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସର ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ବେଳେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଉକ୍ତ ବୈଠକ ସ୍ଥଗିତ ରଖାଯାଇଛି।

ସୂଚନା ଅନୁଯାୟୀ ଉଦଳା ନିର୍ବାଚନ ମଣ୍ଡଳୀ ଅଧୀନ ଗୋପବନ୍ଧୁନଗର ବ୍ଲକ କାର୍ଯ୍ୟାଳୟରେ ଉନ୍ନତି ମୂଳକ କାର୍ଯ୍ୟ ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଭାଜପା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇଙ୍କର ଏକ ସମୀକ୍ଷା ବୈଠକ ସ୍ଥିରୀକୃତ ହୋଇଥିଲା। ତେବେ ଏହି ବୈଠକ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷଙ୍କୁ ବିଡିଓ କୌଣସି ସୂଚନା ଦେଇ ନ ଥିଲେ। ପୂର୍ବାହ୍ନ ୧୦ଟାରେ ବିଧାୟକ ମଢ଼େଇ ବୈଠକ ଲାଗି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିବା ବେଳେ ବ୍ଲକ ଅଧକ୍ଷ ସୁକେଶ୍ୱର ମଢେଇ ଓ ଉପାଧକ୍ଷ ମାନସ ରଞ୍ଜନ ମହାରଣାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ହାତରେ ପ୍ଲାକାର୍ଡ ଧରି ବ୍ଲକ ଅଧ୍ୟକ୍ଷଙ୍କୁ ବାଦ କରି ଆୟୋଜନ କରାଯାଇଥିବା ବୈଠକକୁ ବାତିଲ କରିବା ପାଇଁ ଦାବି କରିଥିଲେ। ଫଳରେ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଉକ୍ତ ବୈଠକରେ ପଡ଼ୋଶୀ ବାରିପଦା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରକାଶ ଚନ୍ଦ୍ର ସରେନଙ୍କ ଉପସ୍ଥିତିକୁ ମଧ୍ୟ ବିଜେଡି କର୍ମୀମାନେ ବିରୋଧ କରିଥିଲେ।

# କୀଟନାଶକ ପିଇ ଯୁବକଙ୍କ ଆତ୍ମହତ୍ୟା

**ପାଟଣା, ୨୩।୪(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ବେଗେନା ପଞ୍ଚାୟତ ବେଗେନା ମଝିସାହିରେ ଜଣେ ଯୁବକ ଗୁରୁବାର ବିଳମ୍ବିତ ରାତିରେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଆକାଶ ମହାରଣା। ସୂଚନା ଅନୁଯାୟୀ, ସେ ରାତିରେ କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ସକାଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୧) ରୁଜୁ ହୋଇଛି।

# କୋଭିଡ୍ ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି


ପୋଲିସ ଅଧିକାରୀମାନେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

**ବାରିପଦା ଅଫିସ,୨୩।୪**

ମୟୂରଭଞ୍ଜ ଜିଲା ଜାମଦା ଥାନାରେ ଡ୍ୟୁଟି କରୁଥିବା କୋଭିଡ୍ ଯୋଦ୍ଧା ବାରିପଦା ରିଜର୍ଭ ପୋଲିସ କନେଷ୍ଟବଳ ବିରାମ ସୋରେନ(୫୫) କରୋନା ଆକ୍ରାନ୍ତ ଥାଇ ମୃତ୍ୟୁବରଣ କରିଛନ୍ତ। ତାଙ୍କ ଘର ବହଳଦା ବ୍ଲକର ଦଳକି ଗ୍ରାମରେ। ସପ୍ତାହକ ତଳେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। କୋଭିଡ୍ ପରୀକ୍ଷାରେ ପଜିଟିଭ୍ ରିପୋର୍ଟ ଆସିବା ସହିତ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏକ ସ୍ୱତନ୍ତ୍ର ଗାଡ଼ିରେ ତାଙ୍କର ମରଶରୀରକୁ ବାରିପଦା ଅଣାଯିବା ପରେ ରିଜର୍ଭ ପଡ଼ିଆରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଜିଲା ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ଅତିରିକ୍ତ ଏସ୍‌ପି ଅଙ୍କୁର ମଲ୍ଲିକ, ଡ଼ିଏସ୍‌ପି ପ୍ରଭାସ ପାଲ, ସବିତା ମାଝୀ, ସଂରକ୍ଷିତ ଆରକ୍ଷୀ ନୀରିକ୍ଷକ କୁଳମଣି ଗିରି, ଏସ୍‌ଡିପିଓ କେ.କେ.ହରିପ୍ରସାଦ ଓ ଟାଉନ ଥାନା ଆଇଆଇସି ବୀରେନ୍ଦ୍ର ସେନାପତି ପ୍ରମୁଖ ଉପସ୍ଥିତ ହୋଇ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଦାରୋଗାଡ଼ାହି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ରୋକିବା ଲାଗି ପ୍ରଶାସନିକ ତତ୍ପରତା

## ଗଳାବାଟ ଦେଇ ପଶିଆସୁଛନ୍ତି ପ୍ରବାସୀ

**ଜଳେଶ୍ୱର, ୨୩।୪(ଡି.ଏନ.ଏ.)**

କରୋନା ଦ୍ୱିତୀୟ ଲହର କାୟା ବିସ୍ତାର କରିଚାଲିଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା-ପଶ୍ଚିମବଙ୍ଗ ଉପାନ୍ତ ସିଲ୍ କରାଯାଇଥିଲେ ମଧ୍ୟ ଏବେବି ବହୁ ସ୍ଥାନରେ ଗଳାବାଟ ମୁକୁଳା ପଡିଛି। ଏହି ଗଳାବାଟ ଦେଇ ପଶ୍ଚିମବଙ୍ଗ ପ୍ରବାସୀ ଓଡ଼ିଶା ମଧ୍ୟକୁ ପଶିଆସୁଛନ୍ତି। ଏହାକୁ ରୋକିବାକୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ପଞ୍ଚାୟତ ସମିତି ବୈଠକ ଗୃହରେ ବ୍ଲକର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକ ଅଶ୍ୱିନୀ ପାତ୍ର ଅଧକ୍ଷତା କରି ଖୁବ୍‌ଶୀଘ୍ର ହାୱଡାରୁ ଓଡିଶା ଅଭିମୁଖେ ଆସୁଥିବା ଟ୍ରେନ୍‌ଗୁଡିକ ବିଭିନ୍ନ ଷ୍ଟେଶନରେ ରହଣିକୁ ରଦ୍ଦ କରାଯିବାକୁ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଥିବା ସମ୍ପର୍କରେ କହିଥିଲେ । ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକ କରୋନା ଲକ୍ଷଣ ଥିଲେ ତୁରନ୍ତ ରୋଗୀଙ୍କୁ ଡାକ୍ତରଖାନାକୁ ଆଣି ପରୀକ୍ଷା କରାଇ ନେବାକୁ ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଥିଲେ। ଆଇଆଇସି ମାନସ କୁମାର ଦେଓ ଓ ବ୍ଲକ ଉପାଧକ୍ଷ ବ୍ରଜମୋହନ ପ୍ରଧାନ ଯୋଗଦେଇ କେବଳ ପୋଲିସ୍ ନୁହେଁ ଜନସାଧାରଣ ଓ ନିର୍ବାଚିତ ପ୍ରତିନିଧିମାନେ ସହଯୋଗ କଲେ ପ୍ରବାସୀମାନଙ୍କୁ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ଚିକିତ୍ସା ସମ୍ଭବ ହୋଇପାରିବ ବୋଲି କହିଥିଲେ। ବିଡିଓ ଦିପ୍ତିରଞ୍ଜନ ସେଠୀ ଓ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ଜଳେଶ୍ୱର ସହର ଓ ବ୍ଲକ ମଧ୍ୟରେ ବିଭିନ୍ନ ସ୍ଥାନରେ କ୍ୱାରାଣ୍ଟାଇନ୍ ସେଣ୍ଟର ପ୍ରସ୍ତୁତ ରଖାଯାଇଥିବା ଜଣାଇଥିଲେ। ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଜଳେଶ୍ୱର ବ୍ଲକର ୮ଟି ମୁଖ୍ୟ ରାସ୍ତାକୁ ବ୍ୟାରିକେଡ କରାଯାଇ ପ୍ରବାସୀମାନଙ୍କୁ ଚିହ୍ନଟ କରାଯାଉଥିବା ଓ ସେମାନଙ୍କୁ ହୋମ କ୍ୱାରାଣ୍ଟାଇନରେ ରଖାଯିବା ସମ୍ପର୍କରେ ସୂଚନା ଦେଇଥିଲେ। ହେଲେ ପଶ୍ଚିମବଙ୍ଗକୁ ଲାଗି ଜଳେଶ୍ୱର ବ୍ଲକର ବହୁ ଗଳାବାଟ ଦେଇ ହଜାର ହଜାର ଗାଡି ଓ ପ୍ରବାସୀ ରାଜ୍ୟ ଭିତରକୁ ପଶି ଆସୁଥିବାରୁ ବିଭିନ୍ନ ପଞ୍ଚାୟତରୁ ଯୋଗ ଦେଇଥିବା ସରପଞ୍ଚ ଓ ସମିତି ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପଶ୍ଚିମବଙ୍ଗକୁ ଲାଗି ରହିଥିବା ଜଳେଶ୍ୱର ବ୍ଲକର ନେଉଆ, ସୁଗୋ, ନଛିମପୁର, ଗୋବରଘଟା, ସର୍ଦ୍ଧାରବନ୍ଧ, ଶ୍ୟାମନଗର, ଓଲମରା, ଖୁଆର୍ଡେ, ମାକିଡିଆ, ଖୁଦିଆ ମାଝିସାରହି, ଦକ୍ଷିଣ ପ୍ରହରାଜପୁର, ଶ୍ରୀରାମପୁର, ଲକ୍ଷ୍ମଣନାଥ ଆଦି ପଞ୍ଚାୟତର ସରପଞ୍ଚମାନେ ଗଳା ରାସ୍ତାରେ ବ୍ୟାରିକେଡ କରିବାକୁ ବିଡିଓ ସେଠୀ ନିର୍ଦ୍ଦେଶ ଦେଇଥିଲେ ।

# ଚଳନ୍ତା ବାଇକ୍‌ରୁ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍

**ସୋର, ୨୩।୪(ଡି.ଏନ.ଏ.)**

ଶୁକ୍ରବାର ସକାଳେ ସୋର ଥାନା ଅଧୀନ ଜାତୀୟ ରାଜପଥ ଦହିସଡ଼ା ଛକ ନିକଟରେ ବାଇକ୍‌ରେ ଯାଉଥିବା ଏକ ଦମ୍ପତିଙ୍କୁ ୩ଜଣ ଦୁର୍ବୃତ୍ତ ପିଛା କରି ମହିଳାଙ୍କ ନିକଟରୁ ସୁନାଚେନ୍ ଲୁଟିନେଇଛନ୍ତି। ସରଶଂଖ ଗ୍ରାମର ପୀତାମ୍ବର ପଲେଇ ଓ ତାଙ୍କ ସ୍ତ୍ରୀ ମାନସୀ ସକାଳେ ଏକ ବାଇକ୍‌ରେ ବାଲେଶ୍ୱର ମେଡିକାଲକୁ ଯାଉଥିଲେ। ସେମାନେ ଦହିସଡ଼ା ଛକ ଅତିକ୍ରମ କରିବା ପରେ ଦୁର୍ବୃତ୍ତମାନେ ପିଛା କରି ଲୁଟି ନେଇ ପଳାଇଥିଲେ। ଦମ୍ପତି ଫେରିଆସି ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

